# NATIONAL NEWS BULLETIN (ODIA)
## 19th April - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ୨୦୩୦ ସୁଦ୍ଧା ଭାରତର ପ୍ରତିରକ୍ଷା ରପ୍ତାନୀ ୫୦ ହଜାର କୋଟି ଟଙ୍କା ଅତିକ୍ରମ କରିବ; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ଆଜି ପ୍ରକାଶ ପାଇବ ଜେ.ଇ.ଇ. ମୁଖ୍ୟ ପରୀକ୍ଷାର ଦ୍ୱିତୀୟ ଅଧିବେଶନର ପରୀକ୍ଷା ଫଳ ।

- ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ୨୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିଥିବା କେନ୍ଦ୍ର ଆଇ.ଟି. ମନ୍ତ୍ରୀଙ୍କ ସୂଚନା ।

- ପଶ୍ଚିମବଙ୍ଗର ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଜାତୀୟ ମାନବାଧିକାର ଓ ମହିଳା ଆୟୋଗର ପ୍ରତିନିଧି ।

ଏବଂ

- ଆଇ.ପି.ଏଲ୍.ରେ ଗତକାଲି ଅନୁଷ୍ଠିତ ବର୍ଷାବାଧିତ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୫ ୱିକେଟ୍‌ରେ ପରାସ୍ତ କରିଛି ପଞ୍ଜାବ କିଙ୍ଗ୍‌ସ ।

## ରାଜନାଥ - ଡିଫେନ୍ସ ଏକ୍ସପୋର୍ଟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ୨୦୩୦ ସୁଦ୍ଧା ଭାରତର ପ୍ରତିରକ୍ଷା ରପ୍ତାନୀ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିବ । ଗତକାଲି ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀ ନଗରଠାରେ ଚାମ୍ବର୍ ଅଫ୍ ମରାଠୱାଡ଼ା ଇଣ୍ଡଷ୍ଟ୍ରିଜ୍ ଆଣ୍ଡ ଏଗ୍ରିକଲ୍‌ଚରଦ୍ୱାରା ଆୟୋଜିତ ମରାଠାୱାଡ଼ା-ଆତ୍ମନିର୍ଭର ଭାରତ କି ରକ୍ଷା ଭୂମି ଶୀର୍ଷକ ଆଲୋଚନାରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି ।

ମୋଦି ସରକାରଙ୍କ ସଫଳତା ଉପରେ ଆଲୋଚନା କରି ଶ୍ରୀ ସିଂହ କହିଛନ୍ତି, ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକାଳ ସମୟରେ ପ୍ରତିରକ୍ଷା ରପ୍ତାନୀରେ ୪୦ ଗୁଣ ବୃଦ୍ଧି ଘଟିଛି । ୨୦୧୪ରେ ଭାରତର ପ୍ରତିରକ୍ଷା ରପ୍ତାନୀ ୬ ଶହ କୋଟି ଟଙ୍କା ଥିବାବେଳେ ଏବେ ତାହା ୨୪ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଶ୍ରୀ ସିଂହ କହିଛନ୍ତି ।

***Voice :.......... (Rajnath)***

ଆଲୋଚନା ପରେ ପ୍ରତିରକ୍ଷା ମନ୍ତ୍ରୀ ବୀରଶିରୋମଣି ମହାରାଣା ପ୍ରତାପଙ୍କ ଅଶ୍ୱାରୋହଣ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।

## ପି.ଏମ୍. ସ୍ପିଚେସ୍ - ବୁକ୍ ଲଞ୍ଚ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଅବସରରେ ଦେଇଥିବା ଉଦ୍‌ବୋଧନଗୁଡ଼ିକର ଏକ ସଂସ୍କରଣ ଗତକାଲି ଉନ୍ମୋଚିତ ହୋଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଥିବା ପୁସ୍ତକର ଶୀର୍ଷକ ରହିଛି 'ସଂସ୍କୃତି କା ପାଞ୍ଚୱାଁ ଅଧ୍ୟାୟ' । ଜୁନା ଆଖଡ଼ାର ମୁଖ୍ୟ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ସ୍ୱାମୀ ଅବଧେଶାନନ୍ଦ ଗିରି ଏହି ପୁସ୍ତକ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଦେଶର ସଂସ୍କୃତି, ପରମ୍ପରା, ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଭାଷଣର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡ଼ିକୁ ମନେପକାଇ ଶ୍ରୀ ହରିବଂଶ କହିଥିଲେ, ଏହି ପୁସ୍ତକ ମୋଦିଙ୍କ ପ୍ରତିବଦ୍ଧତା ଏବଂ ଭାରତର କାଳଜୟୀ ପରମ୍ପରାକୁ ବଜାୟ ରଖିବା ଦିଗରେ ତାଙ୍କର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।

***Voice :........ (Haribansh)***

ଏହି ଅବସରରେ ସ୍ୱାମୀ ଅବଧେଶାନନ୍ଦ ଗିରି ମହାରାଜ କହିଥିଲେ, ୨୦୧୪ ମସିହାରୁ ସମଗ୍ର ଦେଶରେ ଅଭିନବତା ଦେଖିବାକୁ ମିଳିଛି ଏବଂ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ସେ ପ୍ରଧାନମନ୍ତ୍ରୀଙ୍କ ସାଂସ୍କୃତିକ ଅବଦାନକୁ ପ୍ରଶଂସା କରିବା ସହ କହିଥିଲେ, ପୂର୍ବାପେକ୍ଷା ଲୋକମାନେ ବିଭିନ୍ନ ସାଂସ୍କୃତିକ ବିଷୟ ଉପରେ ଆଲୋଚନା କରୁଛନ୍ତି ।

## ଜେ.ଇ.ଇ. ମେନ୍ ରେଜଲ୍ଟ୍

ଯୁଗ୍ମ ପ୍ରବେଶିକା ପରୀକ୍ଷା – ଜେ.ଇ.ଇ. ମେନ୍ ୨୦୨୫ର ଦ୍ୱିତୀୟ ସେସନ୍‌ର ପରୀକ୍ଷାଫଳ ଆଜି ପ୍ରକାଶ ପାଇବ । ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପରୀକ୍ଷା ଫଳ jeemain.nta.nic.inରେ ଉପଲବ୍ଧ ହେବ । ଏହି ପରୀକ୍ଷାଫଳ ସହ ୨୦୨୫ ଜେ.ଇ.ଇ. ମୁଖ୍ୟ ପରୀକ୍ଷାର କଟ୍‌ଅପ୍ ତାଲିକା ମଧ୍ୟ ପ୍ରକାଶ ପାଇବ । ଚଳିତ ବର୍ଷ ଜେ.ଇ.ଇ. ମେନ୍‌ର ପରୀକ୍ଷା ଗତ ୨ରୁ ୯ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଚଳିତବର୍ଷର ଜେ.ଇ.ଇ. ମେନ୍ ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଜାନୁୟାରୀ ଏବଂ ଏପ୍ରିଲ୍ ମାସରେ ଅନୁଷ୍ଠିତ ହୋଇଥିଲା । ଯଦି ଜଣେ ପ୍ରାର୍ଥୀ ଉଭୟ ପରୀକ୍ଷା ଦେଇଥିବେ, ସେଥିମଧ୍ୟରୁ ସର୍ବଶ୍ରେଷ୍ଠ ସ୍କୋର୍‌କୁ ବିଚାରକୁ ନିଆଯାଇ

ଚୂଡ଼ାନ୍ତ ମେଧାତାଲିକା ପ୍ରସ୍ତୁତ କରାଯିବ । ଏହି ଫଳାଫଳ ସହ ଜେ.ଇ.ଇ. ଆଡ୍‌ଭାନ୍ସଡ୍ କଟ୍‌ଅପ୍ ତାଲିକା ଏବଂ ସର୍ବାଧିକ ସ୍କୋର୍ କରିଥିବା ପରୀକ୍ଷାର୍ଥୀଙ୍କ ତାଲିକା ମଧ୍ୟ ପ୍ରକାଶ ପାଇବ । ଉଭୟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅଢ଼େଇ ଲକ୍ଷ ପରୀକ୍ଷାର୍ଥୀ ଜେ.ଇ.ଇ. ଆଡ୍‌ଭାନ୍ସଡ୍ ପରୀକ୍ଷା ଦେଇପାରିବେ ।

## ଏଚ୍.ଏମ୍. - ନକ୍ସଲାଇଟ୍ ଛତିଶଗଡ଼

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ୩୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ସୁକ୍‌ମାର ବଡ଼ସେଟି ପଞ୍ଚାୟତରେ ୧୧ ଜଣ ନକ୍ସଲ୍ ଆତ୍ମସମର୍ପଣ କରିବା ପରେ ସମ୍ପୃକ୍ତ ପଞ୍ଚାୟତ ନକ୍ସଲ୍‌ମୁକ୍ତ ହୋଇଛି । ନକ୍ସଲ୍‌ମୁକ୍ତ ଭାରତ ଅଭିଯାନରେ ଏହି ସଫଳତା ପାଇଁ ଶ୍ରୀ ଶାହା ସୁରକ୍ଷାବାହିନୀ ଏବଂ ଛତିଶଗଡ଼ ପୋଲିସ୍‌କୁ ଅଭିନନ୍ଦନ ଜଣାଇଛନ୍ତି ।

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ବିଭିନ୍ନ ଅଭିଯାନରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକର ସାମଗ୍ରୀ ସହ ୨୨ ଜଣ ନକ୍ସଲ୍‌ଙ୍କୁ କୋବ୍ରା କମାଣ୍ଡୋ ଓ ଛତିଶଗଡ଼ ପୋଲିସ୍ ଗିରଫ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା ନକ୍ସଲ୍‌ମାନଙ୍କୁ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ୍ ହେବାକୁ

ନିବେଦନ କରିଛନ୍ତି । ଆସନ୍ତାବର୍ଷ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ଦେଶକୁ ନକ୍ସଲମୁକ୍ତ କରିବାକୁ ସରକାର ସଙ୍କଳ୍ପବଦ୍ଧ ବୋଲି ଶ୍ରୀ ଶାହା କହିଛନ୍ତି ।

## ବୈଷ୍ଣବ - ଇଲେକ୍ଟ୍ରୋନିକ୍ସ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୫ ଗୁଣ ବୃଦ୍ଧି ପାଇଛି । ହରିୟାଣାର ଗୁରୁଗ୍ରାମ୍ ମାଣେଶ୍ୱରଠାରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଯୋଗୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି ଘଟିଛି । ଗତ ୧୦ ବର୍ଷ ମଧ୍ୟରେ ଇଲେକ୍ଟ୍ରୋନିକ୍ସ ରପ୍ତାନୀ ୬ ଗୁଣ ବୃଦ୍ଧି ପାଇ ୩ ଲକ୍ଷ ୨୫ ହଜାର କୋଟି ଟଙ୍କା ଅତିକ୍ରମ କରିଛି । ସେ କହିଛନ୍ତି, ସେହି କ୍ଷେତ୍ରରେ ୨୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିଛି । ନିକଟରେ ଅନୁମୋଦିତ ହୋଇଥିବା ଇଲେକ୍ଟ୍ରୋନିମ୍ସ କମ୍ପୋନେଣ୍ଟ ଉତ୍ପାଦନ ଯୋଜନାରେ ନିଯୁକ୍ତି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

***Voice :.......... (Baishnav)***

# ଡବ୍ଲ୍ୟୁ.ବି. - ଡେଲିଗେସନ ଭିଜିଟ୍

ଜାତୀୟ ମାନବାଧିକାର ଆୟୋଗ ଓ ମହିଳା ଆୟୋଗର ପ୍ରତିନିଧିମାନେ ପଶ୍ଚିମବଙ୍ଗର ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଗତକାଲି ଉଭୟ ଆୟୋଗର ପ୍ରତିନିଧିମାନେ ମାଲ୍‌ଦାର ବୈଷ୍ଣବ ନଗରସ୍ଥିତ ପାର୍ଲାଲ୍‌ପୁର ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ପ୍ରତିନିଧିମାନେ ମୁର୍ଶିଦାବାଦରେ ୱାକଫ୍ ବିରୋଧ ପ୍ରଦର୍ଶନ ସମୟରେ ହିଂସାର ଶିକାର ହୋଇଥିବା ପୀଡ଼ତମାନଙ୍କୁ ଭେଟିଥିଲେ । ସମ୍ପୃକ୍ତ ପୀଡ଼ିତମାନେ ସେମାନଙ୍କ ଘର ଛାଡ଼ି ପଳାଇ ଆସିଥିଲେ । ଜାତୀୟ ମହିଳା ଆୟୋଗ ଅଧକ୍ଷା ବିଜୟା ରାହତ୍‌କର କହିଛନ୍ତି, ରିଲିଫ୍ କ୍ୟାମ୍ପ୍‌ରେ ଥିବା ମହିଳା ଏବଂ ଶିଶୁମାନେ ଗଭୀର ଦୁଃଖରେ ଅଛନ୍ତି । ଆଜି ମହିଳା ଆୟୋଗ ଦଳ ହିଂସା ପ୍ରଭାବିତ ମୁର୍ଶିଦାବାଦ ଜିଲ୍ଲାର ଜାଫ୍ରାବାଦ, ବେଦପଡ଼ା ଏବଂ ସମ୍‌ସେର୍‌ଗଞ୍ଜର ଡିଗ୍ରି ଅଞ୍ଚଳ ପରିଦର୍ଶନ କରିବେ । ସମ୍ପୃକ୍ତ ହିଂସା ପ୍ରାବିତ ଅଞ୍ଚଳଗୁଡ଼ିକରେ  ପ୍ରସାଶନିକ ଅବହେଳାରୁ ଏଭଳି ଘଟିଥିବା କୁହାଯାଉଥିବାବେଳେ ସେହି ଅଞ୍ଚଳରେ ସୀମା ସୁରକ୍ଷା ବାହିନୀର ସ୍ଥାୟୀ କ୍ୟାମ୍ପ୍ ସ୍ଥାପନ ଲାଗି ଦାବି କରାଯାଇଛି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ମାଲ୍‌ଦାରେ ପହଞ୍ଚିଥିଲେ । ବୈଷ୍ଣବନଗର ଏବଂ ମାଲ୍‌ଦାର ରିଲିଫ୍ କ୍ୟାମ୍ପ୍‌ରେ ରହୁଥିବା ମୁର୍ଶିଦାବାଦର ହିଂସା ପ୍ରଭାବିତଙ୍କ ସହ ରାଜ୍ୟପାଳ କଥାବାର୍ତ୍ତା କରିଥିଲେ । ପଶ୍ଚିମବଙ୍ଗରେ ଉପୁଜିଥିବା ହିଂସାତ୍ମକ ଘଟଣାକୁ ନେଇ କଂଗ୍ରେସ ନେତା

ଅଧୀର ରଞ୍ଜନ ଚୌଧୁରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଚନ୍ତି ।

## ବିହାର ପ୍ରସାର ଭାରତୀ - ଚେୟାରମ୍ୟାନ୍

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହଗଲ୍ କହିଚନ୍ତି, ଆକାଶବାଣୀ ଏବଂ ଦୂରଦର୍ଶନ କ୍ରମାଗତ ଭାବରେ ପରିବର୍ତ୍ତିତ କାର୍ଯ୍ୟକ୍ରମ ସହିତ ବିଷୟବସ୍ତୁ ପ୍ରସାରଣ କରୁଛନ୍ତି । ଆକାଶବାଣୀ ସମାଚାର ବିଭାଗ ସହ କଥାବାର୍ତ୍ତା ସମୟରେ ଶ୍ରୀ ସେହଗଲ କହିଛନ୍ତି, ଉଭୟ ଲୋକସେବା ପ୍ରସାରଣକାରୀ ଭାବରେ ଆକାଶବାଣୀ ଓ ଦୂରଦର୍ଶନ ଉତ୍ତମ ଜ୍ଞାନକୌଶଳକୁ ଆପଣାଉଛନ୍ତି । ପ୍ରସାରଭାରତୀ ତରଙ୍ଗ ଓ.ଟି.ଟି. ପ୍ଲାଟଫର୍ମ ସବୁବର୍ଗର ଦର୍ଶକଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି ବୋଲି ଶ୍ରୀ ସେହଗଲ୍ କହିଛନ୍ତି ।

***Voice :........ (Shelgal)***

ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ମନୋରଞ୍ଜନ ସମ୍ମିଳନୀ ମାଧ୍ୟମରେ ଦେଶରେ ବିଷୟବସ୍ତୁ ସୃଷ୍ଟି ଏବଂ ଆନୁଷଙ୍ଗିକ ସୃଜନଶୀଳତା କ୍ଷେତ୍ରକୁ ଆନୁଷ୍ଠାନିକ ରୂପ ଦେବାପାଇଁ ସରକାରଙ୍କ ପ୍ରୟାସକୁ ଶ୍ରୀ ସେହଗଲ୍ ପ୍ରଶଂସା କରିଛନ୍ତି । ଏହା

ପୂର୍ବରୁ ପ୍ରସାରଭାରତୀ ଅଧ୍ୟକ୍ଷ ପାଟନାର ଆକାଶବାଣୀର ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରିଥିଲେ ।

## ଜି.ଏସ୍.ଟି. - ୟୁ.ପି.ଆଇ.

ଦୁଇ ହଜାର ଟଙ୍କାରୁ ଅଧିକ ୟୁ.ପି.ଆଇ. କାରବାର ଉପରେ ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ଆଦାୟ କରିବା ବିଷୟ ମିଥ୍ୟା ଓ ବିଭ୍ରାନ୍ତିକର ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଏକ ବିବୃତ୍ତି ଅନୁଯାୟୀ ଏଭଳି କୌଣସି ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ନାହିଁ । ଜି.ଏସ୍.ଟି. କେବଳ ନିର୍ଦ୍ଦିଷ୍ଟ ଉପକରଣ ବ୍ୟବହାରଦ୍ୱାରା ହେଉଥିବା ଦେୟ ସହିତ ଜଡ଼ିତ । ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ୨୦୨୦ ଜାନୁୟାରୀରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ଼ ଏକ ଗେଜେଟ୍ ବିଜ୍ଞପ୍ତି ଜରିଆରେ ଉପଭୋକ୍ତା ଓ ବ୍ୟବସାୟୀ ମଧ୍ୟରେ ହେଉଥିବା ୟୁ.ପି.ଆଇ. କାରବାର ଉପରେ ମର୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ ହଟାଇ ଦେଇଛନ୍ତି । ୟୁ.ପି.ଆଇ. ମାଧ୍ୟରେ ଡିଜିଟାଲ୍ ପେମେଣ୍ଟକୁ ପ୍ରୋତ୍ସାହିତ କରିବାପାଇଁ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରୁଥିବା ଅର୍ଥ ମନ୍ତ୍ରଣାଳୟ କହିଛି ।

## ୟୁ.ଏସ୍.-ଇରାନ୍ ନ୍ୟୁକ୍ଲିୟସ୍ ଟକ୍

ଆମେରିକା ଓ ଇରାନ୍ ମଧ୍ୟରେ ଆଜି ରୋମ୍‌ରେ ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ଆଲୋଚନା ହେବ । ଏଥିରେ ମଧ୍ୟସ୍ଥତା ଜାରି ରଖିବାକୁ ଓମାନ୍‌ର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏକ ବିବୃତିରେ ମନ୍ତ୍ରଣାଳୟ କହିଛି, ଗମନାଗମନ କାରଣରୁ ଇଟାଲୀର ରାଜଧାନୀକୁ ନୂତନ ସ୍ଥାନ ଭାବେ ଚୟନ କରାଯାଇଛି । ଏହି ଆଲୋଚନା ଏକ ନ୍ୟାୟପୂର୍ଣ୍ଣ ଏବଂ ସ୍ଥାୟୀ ବୁଝାମଣା ଦିଗରେ ଅଗ୍ରଗତି କରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

ଏହାପୂର୍ବରୁ ଉଭୟ ଦେଶର ପ୍ରତିନିଧିମାନେ ଓମାନ୍‌ରେ ପ୍ରଥମ ପର୍ଯ୍ୟାୟ ଆଲୋଚନା କରିଥିଲେ । ସେହି ଆଲୋଚନା ଫଳପ୍ରଦ ଥିବା ଉଭୟ ପକ୍ଷ ପ୍ରକାଶ କରିଥିଲେ ।

## ଆଇ.ପି.ଏଲ୍.

ଚଳିତ ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ୍ ୫ ୱିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ଗତକାଲି ସନ୍ଧ୍ୟାରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବର୍ଷାଯୋଗୁଁ ମାତ୍ର ୧୪ ଓଭର୍ ଖେଳ ସମ୍ଭବ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ରୟାଲ୍

ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୯ ୱିକେଟ୍‌ରେ ୯୫ ରନ୍ କରିଥିବାବେଳେ ଏହାର ଜବାବରେ ପଞ୍ଜାବ୍ କିଙ୍ଗ୍‌ସ ୧୨ ଓଭର ଗୋଟିଏ ବଲ୍‌ରେ ୫ ୱିକେଟ୍ ବିନିମୟରେ ୯୮ ରନ୍ ସ୍କୋର୍ କରିଥିଲା ।

ଆଜି ଆଇ.ପି.ଏଲ୍.ରେ ଦୁଇଟି ମ୍ୟାଚ୍ ଖେଳାଯିବ । ଅପରାହ୍ନ ସାଢ଼େ ୩ଟାରେ ଅହମ୍ମଦାବାଦରେ ଗୁଜୁରାଟ୍ ଟାଇଟନ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ସନ୍ଧ୍ୟା ସାଢ଼େ ୭ଟାରେ ଜୟପୁରରେ ରାଜସ୍ଥାନ ରୟାଲ୍ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମୁହାଁମୁହିଁ ହେବେ ।

*****